୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.274 Bhubaneswar Sunday December 15 2024 | ୨୬ତମ ବର୍ଷ ସଂଖ୍ୟା-୨୭୪ ଭୁବନେଶ୍ୱର, ରବିବାର, ଡିସେମ୍ବର ୧୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସିବିଆଇ ହାତରେ ଟେଣ୍ଡର ଫିକ୍ସିଂର ପ୍ରମାଣ: ଗିରଫ ହୋଇପାରନ୍ତି ବିଷ୍ଣୁପଦ, ଚର୍ଚ୍ଚାରେ ସରକାରଙ୍କ ଭୂମିକା

ଭୁବନେଶ୍ୱର,୧୪।୧୨(ପି.ଏନ): ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଅଡୁଆ ବଢ଼ିଲା। ସିବିଆଇ ହାତରେ ପୁଳାପୁଳା ପ୍ରମାଣ ପରେ ବିଷ୍ଣୁପଦଙ୍କୁ ଯେକୌଣସି ମୁହୂର୍ତ୍ତରେ ଗିରଫ କରିବାର ଆଶଙ୍କା ଦେଖାଦେଇଛି। ଏପଟେ ସିବିଆଇର ସମନ ପରେ ମଧ୍ୟ ହାଜର ହେଉନଥିବା ବିଷ୍ଣୁପଦଙ୍କୁ ତିନି ତିନିଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଭାବେ ରାଜ୍ୟ ସରକାର କିଭଳି କାର୍ଯ୍ୟ ଜାରି ରଖିବାର ଅନୁମତି ଦେଇଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଲାଣି।ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସୀ ଥାଇ ମଧ୍ୟ ବିଷ୍ଣୁପଦ କେଉଁ ଅଦୃଶ୍ୟ କାରଣରୁ ଓପନ୍ ଟେଣ୍ଡର ନକରି କେନ୍ଦ୍ରୀୟ ପିଏସୟୁଗୁଡିକୁ 'ସରକାରୀ ଆବାସିକ ଆଶ୍ରମ ସ୍କୁଲର ଉନ୍ନତିକରଣ' କାର୍ଯ୍ୟ ଟେକି ଦେଉଥିଲେ ତା'ର ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସିବିଆଇ ହାତରେ ଲାଗିଥିବା ଜଣାପଡିଛି। ରାଜ୍ୟର କିଛି ନିର୍ଦ୍ଦିଷ୍ଟ ରିଏଲ ଇଷ୍ଟେଟ୍ ସଂସ୍ଥାକୁ ଏସବୁ କାର୍ଯ୍ୟ ଟେକି ଦେବା ପାଇଁ ଆଇନର ଗଳାବାଟରେ କେନ୍ଦ୍ରୀୟ ପିଏସୟୁକୁ ମାଧ୍ୟମ କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି।



## ଛାତ୍ରପତ୍ର ମାମଲା; କୋର୍ଟ ପେପର, ଷ୍ଟାମ୍ପ ଓ ଜଜଙ୍କ ଦସ୍ତଖତ ନକଲି

ଭୁବନେଶ୍ୱର,୧୪।୧୨(ପି.ଏନ): ଖଳନାୟକ ସାଜିଲେ ସରକାରୀ ଓକିଲ। ଛାଡପତ୍ର ଓ ବିବାହ ପାଇଁ ତିଆରି କରିଥିଲେ ଡୁପ୍ଲିକେଟ୍ କୋର୍ଟ ପେପର। ଏପରିକି କୋର୍ଟ ଷ୍ଟାମ୍ପ ଓ ବିଚାରପତିଙ୍କ ଦସ୍ତଖତକୁ ମଧ୍ୟ ନକଲି କରି ଦେଇଥିଲେ। ଏପରି ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲ୍ଲାରୁ। ଏନେଇ ଅଭିଯୋଗ ହେବା ପରେ ସରକାରୀ ଓକିଲଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି ଉଦଳା ଥାନା ପୁଲିସ୍ ?।ଉଦଳା ଜାମୁଡିହା ଅଞ୍ଚଳର ଯଦୁନାଥ ସିଂ ସିଆଇଏସ୍ଏଫ୍‌ରେ ଚାକିରି କରୁଥିଲେ। ସେ ବାଲେଶ୍ୱର ଜିଲ୍ଲା ବାହାନଗା ଅଞ୍ଚଳର ମିନତି ସିଂଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନଥିଲା। ତେଣୁ ମିନତି ତାଙ୍କ ବାପ ଘରକୁ ପଳାଇ ଯାଇଥିଲା। ବାପ ଘର ଲୋକଙ୍କ ସହିତ ରହୁଥିଲେ। ସେପଟେ ଯଦୁନାଥ ଚାକିରିରେ ଏକା ଏକା ରହୁଥିଲେ। ଘରକୁ ଆସିଲେ ବଡଭାଇ କଣ୍ଠା ସିଂଙ୍କ ପାଖରେ ରହୁଥିଲେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଯଶୋଦା ମଞ୍ଜରୀ ବେହେରା

ଆବିର୍ଭାବ : ୨୪.୧୦.୧୯୪୯
ତିରୋଧାନ : ୦୫.୧୨.୨୦୨୪

ମା' ତୁମେ ମମତାର ସୀମାହୀନ ସାଗର,
ମା' ତୁମେ ଆମପାଇଁ ମମତାର ମନ୍ଦିର ॥
ତୁମରି ମମତାମୟ ପଣତରେ ତୁମେ ବାନ୍ଧି ରଖିଥିଲ
ଆମ ସମସ୍ତଙ୍କୁ,
ଆଜି ତୁମେ ଆମଠାରୁ ଅନେକ ଦୂରରେ,
ସେହି ଦୂର ଆକାଶରେ ତାରାଟିଏ ହୋଇ
ଆମକୁ ଆଶିଷ ଦିଅ।
ତୁମ ଅମର ଆତ୍ମାକୁ ଆମର ଆୟୁତ ପ୍ରଣାମ।

ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ
ସାଇ ବିଜ୍ଞାନ ଏକାଡେମୀ, ଜାନୁଗଞ୍ଜ, ଭଦ୍ରକ

## ଖସୁଛି ପାରଦ, ବଢୁଛି ଶୀତ : ଆଉ ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ ଘନ କୁହୁଡ଼ି

ଭୁବନେଶ୍ୱର,୧୪।୧୨(ପି.ଏନ): ରାଜ୍ୟରେ ଜାରି ରହିଛି ଶୀତର ଲହରୀ। ଗତ ୨ ଦିନ ହେବ ଥଣ୍ଡା ଟିକେ ଅଧିକ ଅନୁଭୂତ ହେଉଛି। ପାଣିପାଗ ବିଭାଗର ତାଜା ସୂଚନା ଅନୁସାରେ, ଆଜିଠାରୁ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ଘନ କୁହୁଡ଼ି ଅଧିକ ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଶେଷକରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ ,ସୁନ୍ଦରଗଡ ,ସମ୍ବଲପୁର ଝାରସୁଗୁଡା ଓ ଗଞ୍ଜାମରେ ଅଧିକ ଘନ କୁହୁଡ଼ି ନେଇ ସତର୍କତା ଜାରି ହୋଇଛି। ବିଶେଷକରି ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗିବାଡିରେ ପ୍ରବଳ ଥଣ୍ଡା ସହ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳୁଛି। ଯାହାର ଭରପୁର ମଜା ନେଉଛନ୍ତି ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକ । ବିଶେଷକରି, ଥଣ୍ଡାର ପ୍ରକୋପ ଏତେ ଅଧିକ ରହୁଛି ଯେ, ସକାଳୁ ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇଯାଉଛି । ସନ୍ଧ୍ୟା ହେବା ବେଳକୁ ରାସ୍ତା ଘାଟ ଜନଶୂନ୍ୟ ହୋଇଯାଉଛି । ଆଗାମୀ ଦିନରେ ଶୀତ ଆହୁରି ବଢିବ ବୋଲି ଅନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ସେପଟେ, ପ୍ରବଳ ଶୀତ ସହ କୁହୁଡିର ମଜା ନେବାକୁ ପ୍ରାତଭ୍ରମଣ ଓ ଚା'ଦୋକାନରେ ଭିଡ ଜମୁଥିବା ଦେଖିବାକୁ ମିଳୁଛି। ଆସନ୍ତା ୫ ଦିନ ଯାଏ ରାଜ୍ୟର ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ, ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ସକାଳେ ଓ ସଂନ୍ଧ୍ୟାରେ ରାସ୍ତା କଡରେ ନିଆଁ ପାଖରେ ବସିଥିବା ଦେଖିବାକୁ ମିଳୁଛି।

## ସମ୍ବିଧାନ ଭାରତୀୟ ଏକତାର ପ୍ରତୀକ: ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪।୧୨(ପିଏନ):ସଂସଦରେ ସମ୍ବିଧାନ ବିତର୍କରେ ଭାଗ ନେଇ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ। ସମ୍ବିଧାନ ନିର୍ମାତାଙ୍କୁ ଭୂରି ଭୂରି ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ମୋଦି। ୭୫ ବର୍ଷର ଉପଲବ୍ଧି ଅସାଧାରଣ ବୋଲି କହିଲେ ପ୍ରଧାନମନ୍ତ୍ରୀ। ଏଥିପାଇଁ ଭାରତର ନାଗରିକ ସବୁଠୁ ବେଶୀ ଅଭିନନ୍ଦନର ପାତ୍ର ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତୀୟ ଗଣତନ୍ତ୍ର ସାରା ବିଶ୍ୱ ପାଇଁ ପ୍ରେରଣାର ଉତ୍ସ। ଭାରତ ବର୍ତ୍ତମାନ ଗଣତନ୍ତ୍ରର ଜନନୀ ଭାବେ ପରିଚିତ। ସମ୍ବିଧାନକୁ ସଶକ୍ତ କରିବାରେ ନାରୀଶକ୍ତି ପ୍ରମୁଖ ଭୂମିକା ତୁଲାଇଛନ୍ତି। ଆରମ୍ଭରୁ ସମ୍ବିଧାନ ମହିଳାଙ୍କୁ ଭୋଟଦାନ ଅଧିକାର ଦେଇଛି। ଏଥିପାଇଁ ଆମେ ନାରୀଶକ୍ତି ବନ୍ଦନ ନିୟମ ପ୍ରଣୟନ କରିଛୁ। ଆଜି ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି। ସବୁକ୍ଷେତ୍ରରେ ମହିଳାଙ୍କ ଅବଦାନ ବଢ଼ିବାରେ ଲାଗିଛି। ସଂସଦରେ ପ୍ରତିନିଧିତ୍ୱ ବଢ଼ିଛି; କ୍ରୀଡା, ମହାକାଶ ବିଜ୍ଞାନରେ ବି ବଢ଼ିଛି।



## ମାଲକାନଗିରିରେ ହେବ ସିମେଣ୍ଟ କାରଖାନା, ନିଯୁକ୍ତି ପାଇବେ ୨୦୦୦



ଭୁବନେଶ୍ୱର,୧୪।୧୨(ପି.ଏନ): ମାଲକାନଗିରିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ୪୦୦୦ କୋଟି ଟଙ୍କା ବିନିଯୋଗରେ ସିମେଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ଏଥିରେ ୨୦୦୦ରୁ ଅଧିକ ଯୁବକ ଓ ଯୁବତୀ ନିଯୁକ୍ତି ପାଇବେ। ଆଜି ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ଆଜି ମାଲକାନଗିରି ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ବସିଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଜିଲ୍ଲାର ସାଂସଦ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା।

## ମୋ ବସ୍‌ରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଭୁବନେଶ୍ୱର,୧୪।୧୨(ପି.ଏନ):କଟକ ମଧୁପାଟଣା ଛକରେ ହୁତୁ ହୁତୁ ହୋଇ ଜଳିଗଲା ମୋ ବସ୍। ବସ୍‌ଟି ଭୁବନେଶ୍ୱରରୁ କଟକ ଫେରୁଥିଲା। ମଧୁପାଟଣା ଛକରେ ପହଞ୍ଚିଲା ବେଳେ ନିଆଁ ଲାଗି ଯାଇଥିଲା। ଏହି ବସ୍‌ଟି ଡିଜେଲ୍ ଚାଳିତ ବସ୍ ବୋଲି ଜଣାପଡିଛି। ବସ୍‌ରେ ନିଆଁ ଲାଗୁଥିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ଆଉ କାଳବିଳମ୍ବ ନକରି ତରବରିଆ ଭାବେ ଜୀବନକୁ ବାଜି ଲଗାଇ ବସ୍‌ରୁ ବାହାରି ଆସିଥିଲେ। ଯାତ୍ରୀମାନେ ସୁରକ୍ଷିତ ଅଛନ୍ତି।

## ଜେଲ୍‌ରୁ ବାହରି ନିଜର ପ୍ରତିକ୍ରିୟା ରଖିଲେ ଅଲ୍ଲୁ ଅର୍ଜୁନ

ହାଇଦ୍ରାବାଦ୍,୧୪।୧୨(ପି.ଏନ): ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଗତକାଲି ଗିରଫ ହେବା ପରେ ଆଜି ସକାଳୁ ଜାମିନ୍ ପାଇ ବାହାରକୁ ଆସିଛନ୍ତି। ଶନିବାର ଜେଲରୁ ମୁକୁଳିବା ପରେ ଅଭିନେତା ଆଇନ୍‌କୁ ପ୍ରତି ପୂରା ସମ୍ମାନ ଅଛି ବୋଲି କହିବା ସହ କର୍ତ୍ତୃପକ୍ଷଙ୍କ ସହ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ଅଭିନୀତ ସିନେମା 'ପୁଷ୍ପା-୨'ର ପ୍ରିମିୟର୍ ସୋ' ବେଳେ ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା। ସେ ବାହାରକୁ ବାହାରି ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ସେ ଗତକାଲି ହାଇଦ୍ରାବାଦ ଜେଲରେ ରାତି କାଟିବା ସହ ନିଜ ଜୁବୁଲି ହିଲ୍ସ ଘରକୁ ଫେରିଥିଲେ। ସେଠାରେ ଅଗଣିତ ପ୍ରଶଂସକ ତାଙ୍କୁ ଅପେକ୍ଷା କରିଥିଲେ। ସେ ତାଙ୍କର ପ୍ରଶଂସକମାନଙ୍କୁ କହିଛନ୍ତି, ''ଏଥିରେ ବ୍ୟସ୍ତ ହେବାର କିଛି ନାହିଁ। ମୁଁ ଭଲ ଅଛି। ମୁଁ ଜଣେ ଆଇନକୁ ମାନୁଥିବା ନାଗରିକ ଏବଂ ଆଇନ୍‌କୁ ପୂର୍ଣ୍ଣ ସହଯୋଗ କରିବି।'' ଏହି ଦୁଃଖ ସମୟରେ ତାଙ୍କର ଅଦମ୍ୟ ସମର୍ଥନ ପାଇଁ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇ ୪୧ ବର୍ଷୀୟ ତାରକା ସ୍ୱୀକାର କରିଛନ୍ତି ଯେ ଏହା ତାଙ୍କ ଏବଂ ତାଙ୍କ ପ୍ରିୟଜନଙ୍କ ପାଇଁ କଷ୍ଟକର ସମୟ ଅଟେ। ଦଳାଚକଟାରେ ଜୀବନ ହରାଇ ଥିବା ମହିଳାଙ୍କ ପ୍ରତି ସମବେଦନା ଜଣାଇବା ସହ ଏହା ଏକ ଅନିଚ୍ଛାକୃତ ଦୁର୍ଘଟଣା ବୋଲି କହିଛନ୍ତି।'ବିଗତ ୨୦ ବର୍ଷ ଧରି ମୁଁ ମୋର ଚଳଚ୍ଚିତ୍ର ଦେଖିବା ପାଇଁ ପ୍ରେକ୍ଷାଳୟକୁ ଯାଇଆସୁଛି। ଏହା ସର୍ବଦା ମୋ ପାଇଁ ଏକ ଆନନ୍ଦଦାୟକ ଅନୁଭୂତି ଥିଲା। କିନ୍ତୁ ଏଥର ଜିନିଷଗୁଡିକ ଏକ ଅପ୍ରତ୍ୟାଶିତ ମୋଡ଼ ନେଇଥିଲା' ବୋଲି ଅଲ୍ଲୁ ଅର୍ଜୁନ ସ୍ପଷ୍ଟ କରିଛନ୍ତି।ସେ କହିଛନ୍ତି, 'ମୁଁ ପୁଣି ଥରେ ପରିବାର ପ୍ରତି ସମବେଦନା ଜଣାଇବାକୁ ଚାହେଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଯାହା ଘଟିଲା ସେଥିପାଇଁ ଆମେ ଦୁଃଖିତ।'

## ପରିବାରବାଦକୁ ଟାର୍ଗେଟ; କଂଗ୍ରେସ ମୁହଁରେ ସମ୍ବିଧାନ ଶୋଭା ପାଉନି କହିଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪।୧୨(ପି.ଏନ): ସଂସଦରେ ସମ୍ବିଧାନ ବିତର୍କରେ ଉଦବୋଧନ ଦେବାବଳେ ବିରୋଧୀ କଂଗ୍ରେସକୁ ଜୋରଦାର ଟାର୍ଗେଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସମ୍ବିଧାନ ଏକତାର ପ୍ରତୀକ, ହେଲେ କ୍ରୀତଦାସ ମାନସିକତା ଭାରତର ବିବିଧତାକୁ ଟାର୍ଗେଟ କରୁଥିଲା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ପରିବାରବାଦ ପ୍ରସଙ୍ଗ ଉଠାଇ ନେହେରୁଙ୍କଠାରୁ ଇନ୍ଦିରା ଓ ରାଜୀବଙ୍କୁ ସମାଲୋଚନା କଲେ। ନାଁ ନନେଇ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଟାର୍ଗେଟ କଲେ ପ୍ରଧାନମନ୍ତ୍ରୀ ମୋଦି। ସାମ୍ବିଧାନିକ ମୂଲ୍ୟବୋଧକୁ ବାରମ୍ବାର ଆଘାତ ପାଇଁ ନେହେରୁ, ଇନ୍ଦିରା ଓ ରାଜୀବଙ୍କଠୁ ନେଇ ରାହୁଲଙ୍କୁ ବି ନିଜ ଅଭିଭାଷଣରେ ନିଶାନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପରିବାରବାଦ କଥା ଉଠାଇ ମୋଦି କହିଥିଲେ, ଏହି ପରିବାର ସମ୍ବିଧାନକୁ ଚ୍ୟାଲେଞ୍ଜ କରି ଆସିଛି। ୧୯୫୧ରେ ନିର୍ବାଚିତ ସରକାର ନଥିଲେ, ସେ ସମୟରେ ଅଧ୍ୟାଦେଶ ଆଣି ସମ୍ବିଧାନ ବଦଳାଇ ଦେଲେ। ଯାହା ସମ୍ବିଧାନ ନିର୍ମାତାଙ୍କ ପ୍ରତି ଘୋର ଅପମାନ। ମୁଖ୍ୟମନ୍ତ୍ରୀମାନଙ୍କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁ ଚିଠି ଲେଖି ସମ୍ବିଧାନ ଆମ ରାସ୍ତାରେ ପ୍ରତିବନ୍ଧକ ହେଲେ ବଦଳାଇବାକୁ ହେବ ବୋଲି କହିଥିଲେ। ଯାହାକୁ ସେତେବେଳେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ବିରୋଧ କରିଥିଲେ। ଗତ ୬ ଦଶନ୍ଧିରେ ୭୫ ଥର ସମ୍ବିଧାନକୁ ବଦଳାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି।



## ନବୀନଙ୍କୁ ନେଇ ଝଡ, ବିଜେପିର ବିକୃତ ଫଟୋ ପୋଷ୍ଟକୁ ନେଇ ବର୍ଷିଲା ବିଜେଡି

ଭୁବନେଶ୍ୱର,୧୪।୧୨(ପି.ଏନ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଫଟୋକୁ ନେଇ ଜୋର ଧରିଲା ଚର୍ଚ୍ଚା । ଓଡିଶା ବିଜେପିର ଟ୍ୱିଟର ହେଣ୍ଡେଲରେ ନବୀନ ପଟ୍ଟନାୟକଙ୍କ ବିକୃତ ଫଟୋକୁ ଦେଖି ନିନ୍ଦା କରିଛି ବିଜେଡି । ଓଡିଶାରେ ଆଳୁ ସଙ୍କଟ ପାଇଁ ନବୀନଙ୍କୁ ଦାୟି କରିଛି ଶାସକ ଦଳ। ନବୀନ ପଟ୍ଟନାୟକ ଏବଂ ଭିକେ ପାଣ୍ଡିଆନଙ୍କ ଏକ ଫଟୋ ସେୟାର କରି ବିଜେପି ଲେଖିଛି ଯେ, "୨୦୧୫ ରୁ ୨୬୭ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ଆଳୁ ମିଶନ ଆରମ୍ଭ କରିଥିଲେ, ହେଲେ ସମ୍ପୂର୍ଣ୍ଣ ଅଟକଳ ରାଶି ଗିଳି ଓଡ଼ିଶାରେ ଆଳୁ ସଙ୍କଟ ଆଣିଛନ୍ତି ନବୀନ ।"ରାଜନୀତିରେ ଆରୋପ ପ୍ରତ୍ୟାରୋପ ଏକ ସାଧାରଣ କଥା ହୋଇଥିବା ବେଳେ ବିଜେପିର ଏଭଳି ଫଟୋକୁ ନେଇ ସମସ୍ତ ବିଜେଡି ନେତା ନିନ୍ଦା କରିଛନ୍ତି । ବିଜେପିର ଏହି ପୋଷ୍ଟକୁ ରିପୋଷ୍ଟ କରି କଡା ସମାଲୋଚନା କରିଛନ୍ତି । ବିଜେଡି ସାଂସଦ ମାନ, ମଙ୍ଗରାଜ ଏଭଳି ପୋଷ୍ଟ କରି ଲେଖିଛନ୍ତି, ନବୀନଙ୍କ ଭଳି ନେତାଙ୍କୁ ବିଜେପିର ଏଭଳି ସମାଲୋଚନାକୁ ଆଣି ଗ୍ରହଣ କରାଯିବ ନାହିଁ । ରାଜନୀତିରେ ସମାଲୋଚନା ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିବା ଉଚିତ ବୋଲି ସେ କହିଛନ୍ତି । ସେହିପରି ଚାରିକୋଟି ଲୋକଙ୍କ ଆଦର ଜନନେତା ତଥା ମୁଖ୍ୟମନ୍ତ୍ରୀ ଭାବରେ ୨୪ ବର୍ଷ କାର୍ଯ୍ୟ କରିଥିବା ଜଣେ ଜନନାୟକଙ୍କ ପ୍ରତି ଏପରି ଅଶୋଭନୀୟ ଆଚରଣ ଗ୍ରହଣୀୟ ନୁହେଁ ବୋଲି ସସ୍ମିତ ପାତ୍ର କହିଛନ୍ତି । ଅନ୍ୟପଟେ ଟ୍ୱିଟରରେ ମଧ୍ୟ ୟୁଜର୍ସମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ଓ୍ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଣୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଅଦୃଶ୍ୟ ଦୃଶ୍ୟ


ସୁଦର୍ଶନ ମହାପାତ୍ର

-'ମଣିଷ ଉପରେ ଏତେଟା ଭରସା କରିବା ଠିକ୍ ନୁହେଁ। କାହା ମନ ଭିତରେ କ'ଣ ଅଛି ଜାଣିବା ଏତେ ସହଜ ନୁହେଁ, ଯେମିତି ତୁମେ ଭାବୁଛ ଓଲଟା କିଛି ହୋଇପାରେ।' ଆପତ୍ତି କରିବା ଢଙ୍ଗରେ କହିଲେ ବିନିତା।

-' ସବୁବେଳେ ସବୁ କଥାରେ ଅବିଶ୍ୱାସ କରିବା ଖାଲି ତୁମେ ନୁହଁ, ତୁମ ନାରୀ ଜାତିର ଗୋଟିଏ ଖୋଇ। ବୁଝିଲ, ଦୀପକ ମୋ ସାଙ୍ଗ। ପିଲାଦିନର ଅନ୍ତରଙ୍ଗ ସାଙ୍ଗ। ପ୍ରଥମରୁ ଦଶମ ଯାଏଁ ଏକା ସାଙ୍ଗରେ ପଢିଛୁ। ପୁଣି କଲେଜରେ ବି ହଷ୍ଟେଲରେ ଗୋଟିଏ ରୁମ୍ ରେ ରହିଛୁ। ତା'ର ପ୍ରତି ଲୋମକୂପ ସହିତ ମୁଁ ପରିଚ଼ିତ।ତା'ଭଳି ଅମାୟିକ ମଣିଷଟିଏ ପାଇବନି ଏ ଦୁନିଆରେ। ମୁଁ ତ କହିବି ମୋ ନିଜଠାରୁ ବି ବେଶି ବିଶ୍ୱାସ କରେ ଦୀପକ କୁ।' ବନ୍ଧୁ ଦୀପକର ସୁଗୁଣ ବିଷୟରେ ଲମ୍ବା ଚ଼ଉଡା ବିବରଣୀ ଦେବାକୁ ଚେଷ୍ଟା କରୁଥିଲେ ବିନୟ ବାବୁ।

-' ହଁ, ବାହାରକୁ ସବୁ ପୁରୁଷ ଗୁଡା ସେହିପରି ଲାଗନ୍ତି। ହେଲେ ଭିତରେ ଭିତରେ... !' କଥା ଚ଼ାପିଦେଲେ ବିନିତା।

-' ମୁଁ ତୁମ କଥା ବୁଝୁଛି। ଆଜିକାଲି ନିଜ ରକ୍ତର ସମ୍ପର୍କ ମାନେ ମଧ୍ୟ ବିଶ୍ୱାସ ଯୋଗ୍ୟ ନୁହନ୍ତି। ସବୁଠୁ ବଡ଼ କଥା ହେଲା ବିନୟ ଯେତିକି ଭଲ ତା'ର ପତ୍ନୀ ମଧ୍ୟ ଖୁବ୍ ସ୍ନେହଶୀଳ।'

ସଂଧ୍ୟାବେଳୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଲାଗିଥିଲା ଏମିତି ଯୁକ୍ତିତର୍କ। ଦୀପକ ବାବୁଙ୍କ ଘରେ ରହି ଝିଅ ପ୍ଲସ ଟୁ ପଢ଼ିବାର ପ୍ରସ୍ତାବକୁ ବିନିତା ସମର୍ଥନ କରି ପାରୁନଥିଲେ।ନକରିବାର କାରଣ ବି ଯଥେଷ୍ଟ ଥିଲା। ବଢିଲା ଝିଅକୁ ନିସଙ୍କ ?ଚ଼ରେ ଜଣଙ୍କ ଘରେ ଛାଡ଼ି ଦେବାକୁ ତାଙ୍କ ମା ମନ ଚ଼ାହୁଁନଥିଲା। ଅଥଚ଼ ହଷ୍ଟେଲରେ ରହି ଆଜିକାଲିର ପିଲାମାନେ ଖରାପ ଆଡକୁ ଚ଼ାଲି ଯାଉଛନ୍ତି ବୋଲି ବିନୟଙ୍କର ମତ। ଏବେ ଏବେ ଘଟି ଯାଇଥିବା ଦୃଷ୍ଟାନ୍ତ ଦେଇ ବିନିତା ଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ ବିନୟ ବାବୁ।

ଶେଷକୁ ଦୀପକ ବାବୁଙ୍କ ବଢିଲା ପୁଅ ଧୀରଜ କୁ ସାମ୍ନାକୁ ଆଣି ନିଜର ଯୁକ୍ତି ଉପସ୍ଥାପନ କରିବାକୁ ଚ଼ାହିଁଲେ ବିନିତା। ସେ ଏବେ ବି.ଏସ୍.ସି. ପଢୁଛି। ପଢୁଛି କହିଲେ ଭୁଲ୍ ହେବ। ପଢ଼ିବା ନାଁ ରେ କଲେଜ ୟୁନିଅନର ଲିଡର ହେବା,ସାଙ୍ଗଙ୍କ ସହିତ ବୁଲିବା, କଲେଜ କ୍ରିକେଟ ଖେଳରେ ଭାଗନେବା, ଏନ୍. ସି. ସି ରେ ମିଶିବା, କଲେଜ ଫଙ୍କସନରେ ମାତିବା ଇତ୍ୟାଦି ଇତ୍ୟାଦି ଦୀପକ ବାବୁଙ୍କ ପୁଅର ଖରାପ ଗୁଣ ବିଷୟରେ ବର୍ଣ୍ଣନା କଲେ ବିନିତା। କାରଣ ଏସବୁ ବିଷୟରେ ପୁଅର ଅତ୍ୟଧିକ ମିଶିବାକୁ ଦୀପକ ବାବୁଙ୍କ ପସନ୍ଦ କରୁନଥିଲେ ବୋଲି ତାଙ୍କରି ମୁହଁରୁ ଶୁଣିଥିଲେ ବିନିତା।ପୁଅ ଯେ ତାଙ୍କ ଗୁଣର ବିପରୀତ କହି ମନଦୁଃଖ କରନ୍ତି ଦୀପକ ବାବୁ ।

ଅପରପକ୍ଷରେ ଦୀପକ ବାବୁ ଥିଲେ ପୁସ୍ତକ କୀଟ।ଆଉ କୌଣସି ଥିରେ ତାଙ୍କର ସଉକ ନଥିଲା। ସେ ପାଠପଢ଼ାରେ ଥିଲେ ଚ଼ମ୍ପିୟାନ।ମାଥମେଟିକ୍ସ ରେ ସେ ଥିଲେ ୟୁନଭରସିଟିରେ ଗୋଲ୍ଡ ମେଡାଲିଷ୍ଟ। ଅଧୁନା ମାଥ୍ ପ୍ରଫେସର ରୂପେ ତାଙ୍କର ସୁଖ୍ୟାତି ଅନେକ।

ସେ ପୁଅ ପାଇଁ ଆଗ୍ରହୀ ଥିବା ମେଡିକାଲ କ୍ୟାରିୟର ଚୋପଟ ହୋଇଗଲା। ବାଧ୍ୟବାଧକତାରେ ଥରେ ମେଡ଼ିକାଲ ପ୍ରବେଶିକା ପରୀକ୍ଷା ଦେବାପରେ ଆଉ ଥରେ ଦେବାକୁ ସ୍ପଷ୍ଟ ମନା କରିଦେଲା ପୁଅ। ବିନା କୋଚ଼ିଂରେ ପ୍ରଥମ ଥର ପରୀକ୍ଷାରେ ମାତ୍ର ଦୁଇ ମାର୍କ ପାଇଁ ଧୀରଜ ମେଡିକାଲ୍ ସିଟ୍ ପାଇବାକୁ ବଞ୍ଚିତ ହୋଇଥିଲା। ଆଉ ଥରକରେ ପୁଅ ଯେ ନିଶ୍ଚିତ ସଫଳତା ହାସଲ କରିବ ବୋଲି ଆଶାୟୀ ଥିଲେ ଦୀପକ ବାବୁ। ହେଲେ ଡାକ୍ତର ନହେବା ଜିଦରେ ଅଟଳ ରହିଲା ଧୀରଜ।

ଡାକ୍ତର ଜୀବନରେ ବିଶ୍ରାମ ନଥାଏ, ପଇସା ଥାଏ। ଖୁସି ନଥାଏ,ଟେନସନ ଥାଏ ଇତ୍ୟାଦି... ତୁଳନାତ୍ମକ ସନ୍ଦର୍ଭଟିଏ ବାପାମାଆଙ୍କ ଆଗରେ ନିଜସ୍ୱ ଢଙ୍ଗରେ ରଖିଲା ଧୀରଜ। ଅତଏବ ତା ପସନ୍ଦର ସବଜେକ୍ଟ ଫିଜିକ୍ସ ରେ ବି.ଏସ୍.ସି ପାଠ୍ୟକ୍ରମରେ ନାଁ ଲେଖାଇଲା ସେ।

-' ଧୀରଜ ବହୁତ ବ୍ରିଲିଆଣ୍ଟ ପିଲା। ଟେନଥ ରେ ନାଇଣ୍ଟି ଏଇଟ ପରସେଣ୍ଟଜ ମାର୍କ ରଖିଥିଲା। ପୁଣି ଟୁଏଲଥ ରେ ନାଇଣ୍ଟି ସେଭେନ ପଏଣ୍ଟ ଟୁ।ଏ କଣ କମ୍ କଥା। ବାପା ମା'ଙ୍କ ପସନ୍ଦର ପାଠ ନ ପଢ଼ିବାର ଅର୍ଥ ନୁହେଁ ପିଲା ଖରାପ। ଧୀରଜ ସବୁଦିନ ଏମିତି ଡ୍ୟାସିଂ... !' ପତ୍ନୀଙ୍କୁ ପୁଣି ବୁଝାଇବାକୁ ଚେଷ୍ଟା କଲେ ବିନୟ ବାବୁ।

ଅତଏବ ବିନିତା ରାଜି ହେଇଗଲେ ଶେଷକୁ।

ବିସ୍ମିତାକୁ ଦେଖି ଶ୍ରଦ୍ଧାରେ କୋଳେଇ ନେଲେ ଦୀପକ ବାବୁ ଏବଂ ପତ୍ନୀ ଦୀପା।ବିସ୍ମିତା କଲେଜକୁ କେବେ ବସରେ ତ କେବେ ସେଆର ଅଟୋରେ ଯିବା ଆସିବା କରୁଥିଲା। କେବେ ନିଜେ ଦୀପକ ବାବୁ ତ କେବେ ପୁଣି ଧୀରଜ ତାକୁ କଲେଜ ନେବା ଆଣିବା କରୁଥିଲେ। ନିଜ ଘର ଭଳି ପରିବେଶ ପାଇ ବିସ୍ମିତା ଭୁଲି ଯାଇଥିଲା ନିଜ ଘରଛାଡି ଆସିଥିବାର ଦୁଃଖ।ବିନିତା ଖୁବ୍ ଖୁସି ଥିଲେ ଏବେ।

ଝିଅର କଥାରୁ ହିଁ ବାପା ମା ବାରି ପାରୁଥିଲେ ତା'ର ସ୍ୱଚ୍ଛନ୍ଦତାକୁ। ମନଦେଇ ପାଠ ପଢ଼ିବାକୁ ଝିଅ କୁ ମିଠା ତାଗିଦ୍ କରନ୍ତି ବିନୟ ବାବୁ।

ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ବାହାଘରରେ ଯୋଗ ଦେବାକୁ ନିଶ୍ଚୟ ଯିବାକୁ ହେବ ବୋଲି ସ୍ଥିର କଲେ ଦୀପକ ବାବୁ। ନିକଟରେ ପରୀକ୍ଷା ଆସୁଥିବାରୁ ବାହାଘରକୁ ଯିବ ନାହିଁ ବୋଲି କହିଲା ବିସ୍ମିତା। ଅତଏବ ଦୀପା ଘରେ ର ?ହିଯିବେ ବୋଲି ଠିକ୍ କଲେ।ଭାଇ ଭଉଣୀ ଦୁଇ ଜଣ ଦୁଇ ଦିନ ପାଇଁ ଆରାମରେ ରହିଯିବେ ଏବଂ ବନ୍ଧୁ ଝିଅର ବାହାଘରକୁ ନଗଲେ କଥାଟା ଖରାପ ହେବ ବୋଲି ପତ୍ନୀଙ୍କୁ ବୁଝାଇଲେ ଦୀପକ ବାବୁ।

ବନ୍ଧୁ ଘରେ ପହଞ୍ଚିବାର ପରଦିନ ହିଁ ବିନିତା ଙ୍କ ଫୋନ୍ ପାଇ ଘାବରେଇଗଲେ ଦୀପା।ବିସ୍ମିତା ରବିବାର ଦିନ ଛୁଟିରେ ଘରେ ଥାଇ ବି କାହିଁକି ଫୋନ୍ ସୁଇଚ଼ ଅଫ୍ ରଖିଛି ବୋଲି ଜାଣି ଚ଼ିନ୍ତାରେ ପଡିଗଲେ ଦୀପକ ବାବୁ। ନିଜେ ଚେଷ୍ଟା କରି ବିଫଳ ହେଲେ ସେ।ଧୀରଜ ର ଫୋନ୍ ରିଂ ହେଲେ ବି ସେ କଥା ହେଉ ନଥିଲା। କିଛି ବିପଦର ଆଭାସରେ ଶିହରି ଉଠିଲେ ଦମ୍ପତି।

ଅତଏବ ବନ୍ଧୁ କୁ ଜରୁରୀ କାମ ଅଛି କହି ତତକ୍ଷଣାତ୍ ସେଠୁ ବାହାରି ଆସିଲେ।କାମ କରୁଥିବା ସ୍ତ୍ରୀ ଲୋକଟି ଛଡା ଘରେ କାହାକୁ ନପାଇ ଚ଼ିନ୍ତିତ ହୋଇ ପଡିଲେ ଦୀପକ ବାବୁ। ଏହି ସମୟରେ ଫୋନ୍ କଲେ ବିନୟ ବାବୁ।

-' ଧୀରଜ ଏବେ ଫୋନ୍ କରିଥିଲା ମୋ ପାଖକୁ।ତା' ପାଇଁ ଆଜି ଆମର ଇଜ୍ଜତ ମହତ ରକ୍ଷା ହୋଇ ଯାଇଛି ବିନୟ! ମୋ ଝିଅ ବଡ଼ ବିପଦରୁ ରକ୍ଷା ପାଇ ଯାଇଛି।' ବନ୍ଧୁ ର କଥା ସହିତ ଫୋନ୍ ରେ ଶୁଭୁଥିଲା ବିନିତାଙ୍କ କାନ୍ଦ ସ୍ୱର। ଦୀପକଙ୍କ ହାତରୁ ଫୋନ୍ ଛଡ଼ ?ଇ ଦୀପା କଥା ହେଲେ ବିନିତାଙ୍କ ସହିତ। ତାଙ୍କୁ ଆଶ୍ୱାସନା ଦେଲେ।

ପୋଲିସ୍ ଷ୍ଟେସନରେ ଏଫ୍.ଆଇ.ଆର୍ ଦେଇ ଦୀର୍ଘ ଦୁଇ ଘଣ୍ଟା ପରେ ବିସ୍ମିତାକୁ ସାଙ୍ଗରେ ନେଇ ଫେରିଲେ ଦୀପକ ବାବୁ ଏବଂ ପଛେ ପଛେ ଧୀରଜ। ସେତେବେଳକୁ ଦୀପକ ବାବୁଙ୍କ ଘରେ ପହଞ୍ଚି ସେମାନଙ୍କୁ ଅପେକ୍ଷା କରୁଥିଲେ ବିନୟ ବାବୁ ଆଉ ବିନିତା।

ସମସ୍ତଙ୍କ ଅଜଣାତରେ ବିସ୍ମିତା ଭଲପାଉଥିବା ପିଲାଟି ଘରେ କେହିନଥିବାର ଖବର ପାଇ, ରେଷ୍ଟୁରାଣ୍ଟରେ ଖାଇବାର ବାହାନା କରି ବିସ୍ମିତାକୁ ନେଇ ଯାଇଥିଲା। ସେଇ ରେଷ୍ଟୁରାଣ୍ଟ ର ମାଲିକ ସହିତ ମିଶି ବିସ୍ମିତାର ସର୍ବସ୍ୱ ଲୁଟିବା ଆଗରୁ ଧୀରଜ ତାକୁ ଉଦ୍ଧାର କରିଛି ବୋଲି ଜାଣି ଦୀପା ବିସ୍ମୟ ବିମୂଢ ହୋଇ ଚ଼ାହିଁଥିଲେ ସମସ୍ତଙ୍କୁ।ଧୀରଜ ସେ ପିଲାଟି ସହିତ ନମିଶିବାକୁ ଆଗରୁ କେତେ ଥର ବିସ୍ମିତାକୁ ତାଗିଦ୍ କରିଥିଲା ବୋଲି ସମସ୍ତେ ଜାଣିଲେ ବିସ୍ମିତା ମୁହଁରୁ।ସେ କାନ୍ଦୁଥିଲା ଅନୁତାପରେ।

-' ଆମ ଧୀରଜ କୀର୍ତ୍ତିମାନ।ଲକ୍ଷେ ରେ ଏକ। ଭଉଣୀ କୁ ବିପଦ ମୁହଁରୁ ଉଦ୍ଧାର କରିବାକୁ ଯେଉଁ ଚେଷ୍ଟା କରି ସଫଳ ହୋଇଛି , ଏଇଟା ଗୋଟିଏ ବିରଳ ଦୃଷ୍ଟାନ୍ତ।'କହିଲେ ବିନୟ ବାବୁ। ' ଧୀରଜ ତ ମୋ ସୁନା ପୁଅ ' କହି ତାକୁ କୋଳାଗ୍ରତ କରିନେଲେ ବିନିତା।

ବିସ୍ମିତାକୁ କୋଳେଇ ନେଇ ତା'ର କୋହ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ ଦୀପା।

*କୁଞ୍ଜବିହାରୀ ଲେନ, କଟକ*

# ଭୋଗିବାର ଥିଲା


*ସୁଚରିତା ମହାନ୍ତି*

ସବୁ ହରେଇବା ପରେ ସେ କେମିତି ହସି ପାରୁଚ଼ି,ବୁଲି ପାରୁଚ଼ି, କେମିତି ଖାଇ ପି' ଶାନ୍ତି ରେ ଶୋଇ ପାରୁଚ଼ି ।

ସବୁ ଆଶ୍ଚର୍ଯ୍ୟ ସବୁ ବିଡ଼ମ୍ବନା । ଈଶ୍ୱର ହାତ ପାପୁଲିରେ ଆକାଶ ଭର୍ତ୍ତି ସୁଖ ଅଜାଡ଼ି ଦେଇ ପୁଣି କି ଖୁସି ପାଆନ୍ତି କେଜାଣି ଗୋଟିଏ ପରେ ଗୋଟିଏ ସୁଖ ର ମୁହୂର୍ତ୍ତ ଗୁଡ଼ିକୁ ଛଡ଼ାଇ ନେଇ।

ଓଠରେ ଲିପ୍ ଷ୍ଟିକ୍,ବେକ ରେ ସୁନା ହାର , ହାତରେ ସୁନା ବାହୁଟି, ଦେହରେ ଖୁବ୍ ଦାମୀ ଶାଢ଼ି,ଦୁଇ ମହଲା ଘର, ଦାମୀ କାର୍ ସବୁ କିଛି ଅଛି। କେଉଁଥିରେ ଊଣା ନାହିଁ କେବଳ ଅନ୍ତର ଫାଟି ପଡୁଥିବା ଦୁଃଖ ତକ ଶୁଣିବାକୁ ପାଖରେ କେହି ଜଣେ ଆପଣାର ନାହାନ୍ତି।

ଅନାଥାଶ୍ରମର ଛୋଟ ଛୋଟ ପିଲା ମାନଙ୍କ ହସହସ ଚେହେରା ଭିତରେ କେବେ କେବେ ବହୁ ଦୂରକୁ ଚ଼ାଲି ଯାଇଥିବା ନିଜର ଏକମାତ୍ର ପୁଅର ଚେହେରା ଦେଖା ହେଇଯାଏ।

ପୁଅ ଆଉ ଫେରିବନି ।କହି ଯାଇଥିଲା,ମାମା' ମୁଁ ସଙ୍ଗେ ସଙ୍ଗେ ଆସୁଚ଼ି, ଆସିଲା ସତ କିନ୍ତୁ ଶବ ହୋଇ। କଥା କହୁନଥିଲା,ହସୁନଥିଲା କି ମାମା' ବୋଲି କହି କୁଣ୍ଢେଇ ଧରି ଅଳି କରୁନଥିଲା ।

ବିଧିର ବିଚ଼ିତ୍ର ଲୀଳା ମଣିଷ ବୁଝିବାକୁ ଯଦି ସକ୍ଷମ ଥାନ୍ତା ସେ କ'ଣ କଷ୍ଟ ପା'ନ୍ତା ।

ମା' ଆଖି ଆଗରେ ଗୋଟିଏ ବୋଲି ପୁଅର କ୍ଷତ ବିକ୍ଷତ ଶରୀର ଦେଖି କିଏ କ'ଣ ଧୈର୍ଯ୍ୟ ଧରି ରହିପାରେ !! କିନ୍ତୁ ସ୍ୱାତୀ ଛାତିକୁ ପଥର କରି ଚୁପଚ଼ାପ୍ ସହିବାକୁ ବାଧ ହେଉଥିଲା,ତା' ବ୍ୟତୀତ ଆଉ ଅନ୍ୟ ଉପାୟ କିଛି ନଥିଲା। ଘର ଭିତରେ ବିଛଣା ଶେଯରେ ପଡ଼ିଚ଼ନ୍ତି ରୋଗୀଣା ସ୍ୱାମୀ ବିରେନ୍, ନିଜ କାମ କରିବା କୁ ଅସମର୍ଥ।ବୁଝିବାକୁ ଅସମର୍ଥ ଅକ୍ଷମ ଲୋକ ବା କ'ଣ କରିପାରିବେ, କେବଳ ପୁଅର ମୃତ୍ୟୁ ଖବର ପାଇ ଅମାନିଆ ଲୁହ ତକିଆ ଭିଜେଇ ଥାନ୍ତା।

ଏଭଳି ସ୍ଥିତି ରେ ସ୍ୱାତୀ କ'ଣ ବା କରିଥାନ୍ତା। ଦୁହିଁଙ୍କ ର ଏକମାତ୍ର ପୁଅ ଆଉ ନାହିଁ ବୋଲି କେମିତି କହିପାରି ଥାନ୍ତା।ନିଜ ହାତରେ ପୁଅକୁ ମୁଖାଗ୍ନି ଦେଇଥିବା ଜଣେ ମା' ଲୁହ ପି' କେମିତି ବଞ୍ଚି ରହିପାରେ ରୋଗୀଣା ସ୍ୱାମୀଙ୍କ ପାଇଁ।

ଦିନ ପରେ ଦିନ, ମାସ, ବର୍ଷ ସବୁ ବିତି ଯାଉଥାଏ।

ସ୍ୱାତୀ ଅବ୍ୟକ୍ତ ଯନ୍ତ୍ରଣାକୁ ଛାତିରେ ଚ଼ାପି ରଖି ଏକା ଏକା ବାଟ ଚ଼ାଲୁଥାଏ ।

ହଠାତ୍ ଦିନେ ଅର୍ଦ୍ଧ ରାତି ରେ ସ୍ୱାମୀ ବିରେନ୍ ଶେଷ ନିଃଶ୍ୱାସ ତ୍ୟାଗ କଲେ। ପାଖରେ କେହି ନଥାଂତି। ସ୍ୱାତୀ ବୁଝିପାରୁ ନଥାଏ କ'ଣ କରିବ। ଏତେ ରାତିରେ ଏ ବିପତ୍ତି ସମୟରେ କିଏ ତାଙ୍କୁ ସାହାଯ୍ୟର ହାତ ବଢ଼ାଇବ ,ତଥାପି ସ୍ୱାତୀ ପୁଅର ଫୋଟୋ ଟିକୁ ଛାତିରେ ଜାବୁଡ଼ି ଧରି ବାହାରିଥିଲା ସ୍ୱାମୀ ଙ୍କର ଶବ ସତ୍କାର ପାଇଁ। କେତେଜଣଙ୍କ ସ ?ହାୟତାରେ ସ୍ୱାମୀଙ୍କୁ ମୁଖାଗ୍ନି ଦେଇ ନିଃସ୍ୱ ହୋଇ ଫେରିଲା ଘରକୁ।

ଘର ଟା ଭିତରେ କେବଳ ସ୍ମୃତି ଗୁଡ଼ିକ ଅସ୍ତବ୍ୟସ୍ତ କରି ପକାଉଥିଲେ ସ୍ୱାତୀ କୁ । ସେତେବେଳେ ସେ ଜୋରେ ଚ଼ିତ୍କାର କରି କାନ୍ଦି ଉଠିଥିଲା ।

ପୁଅ ମରିବା ପରେ ଅନ୍ତର ଫଟେଇ କାନ୍ଦି ବାକୁ ଈଶ୍ୱର ତାକୁ ସୁଯୋଗ ମଧ୍ୟ ଦେଇନଥିଲେ।

ଗୋଟିଏ ହାତରେ ପୁଅର ଫୋଟୋ ଆଉ ଗୋଟିଏ ହାତରେ ସ୍ୱାମୀ ବିରେନ୍ ଙ୍କ ଫୋଟୋ ଛାତିରେ ଜାକି ଧରି କାନ୍ଦି କାନ୍ଦି ନିଜ ପଣତରେ ଫୋଟୋ ଦୁଇଟି କୁ ପୋଛି ପକାଉଥିଲା। ନିଜ ଲୁହ ପୋଛି ବାକୁ କିଏ ଥିଲେ ନା ଆଉ ସାନ୍ତ୍ୱନା ଦେବାକୁ କିଏ ଥିଲେ।

ସକାଳ ର ସୂର୍ଯ୍ୟୋଦୟ ଭାରି ଅଭିଶପ୍ତ ଥିଲା । ସ୍ୱାତୀ ଶୂନ୍ୟ ଆକାଶକୁ ଚ଼ାହିଁ ସବୁଦିନ ପାଇଁ ?ହରେଇ ଥିବା ସ୍ୱାମୀ ଓ ପୁଅକୁ ମନେ ପକେଇ ଝୁରି ହୋଇଥିଲା।ଯାହା ତା' କପାଳରେ ଲେଖା ଥିଲା, କିଏ ବା ବଦଳେଇ ପାରିଥାନ୍ତା । ଏମିତି ବୋଧେ ତା'ର ଭୋଗିବାର ଥିଲା। ସବୁ ପରେ ବି ପ୍ରାଣରେ ପିଣ୍ଡ ଥିବା ଯାଏ ତାକୁ ବଞ୍ଚିବାର ଥିଲା। ତେଣୁ ସେ ନିତି ମରି ନିତି ଜିଇଁ ବାର ଅଭିନୟ କରୁଥିଲା।

*ବାରିପଦା, ମୟୂରଭଞ୍ଜ*
*୮୯୧୭୫୭୧୨୦୨*

## ଚ଼ିତ୍ରକର

*ସୁଧାକର ରାଉତ*



ଚ଼ିତ୍ରକର ଟେ ସାଜି
ମନ କାନ୍ ଭାସ୍ ରେ ଆଙ୍କି ଚ଼ାଲିଛି
ଅଗଣିତ ଦୂର୍ବୋଧ ଛବି
ନିଜେ ପ୍ରାସଙ୍ଗିକ ବା ଅପ୍ରାସଙ୍ଗିକ
ଭାବନାରେ ଭିଜି ।
କିଏ ଅବା ରଙ୍ଗ ସହ
ସାଲିସ କରେ ନିଜକୁ
ମୋ ଅବୁଝା ମନକୁ ସୁହାଇଲା ଭଳି
ଚ଼ାହେଁ ମୋ ମୁହଁକୁ ।
ମୁଁ ସେଥିରୁ ପାଏ ପୁଳାଏ ଆତ୍ମ ସନ୍ତୋଷ
ମେଞ୍ଚା ମେଞ୍ଚା ଅଯଥା ପ୍ରେରଣା ।
ଆଉ ଯେଉଁମାନେ ଫେରାନ୍ତି ମୁହଁ
ସେମାନଙ୍କ ଚ଼ାହାଣୀ
ମୋ ନିର୍ଲିପ୍ତତା ରେ
ଭରିଦିଏ ଅକୁହା
ବେଦନା ର କାହାଣୀ ।
ମନରେ ଖେଳିଯାଏ
ଅସନ୍ତୋଷର ଶିହରଣ
ରଙ୍ଗ, ତୂଳୀରେ
ଅନ୍ୟର ମନ ଛୁଇଁବା
ସତେ କଣ ପ୍ରହସନ ?
ବ୍ୟାକୁଳ ମନ
ନାନା ଛଳରେ ହୋଇ ଛନ୍ଦାୟିତ
ଛୁଇଁବାକୁ ଚ଼ାହେଁ
କାଚ଼କାନ୍ଥ ରେ ପ୍ରତିବିମ୍ବିତ
ଗଗନର ଚୁମ୍ବନ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଜୀବନ ସଉଦା

*ନିରଞ୍ଜନ ସାହୁ*



ବାପଘର ଖେଳ ସରିଯିବା ପରେ
ଝିଅ ଯାଏ ଶାଶୁଘର
ଆପଣାର ଲୋକ ପର ହୋଇଯାନ୍ତି
ପର ହୁଏ ଆପଣାର ।
ବିଧିର ବିଧାନ ମାନିବାକୁ ହୁଏ
ସଂସାର ନିୟମ ଇଏ
ଘର ଲୋକ ପର ଲୋକଙ୍କୁ ନେଇକି
ଏଠି ବଞ୍ଚିବାକୁ ହୁଏ
ଦୁହିତା କରଇ ଦୁଇ କୁଳ ହିତା
ହସେ ଦୁଇ ପରିବାର ।
ବେଳେବେଳେ କିନ୍ତୁ ସଂସାର ଉଜୁଡେ
ଝିଅ ହୁଏ ହତଶିରୀ
ସମାଜର ନିନ୍ଦା , ତାଚ୍ଛଲ୍ୟ ଶୁଭଇ
ଝରିପଡ ? ଅଶ୍ରୁବାରି
ଝିଅର ଜୀବନ ଦୁର୍ବିସହ ହୁଏ
ଲାଗେ ଭାରି ହରବର ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*

## ପିମ୍ପୁଡି

*ଧ୍ରୁବ ଚ଼ରଣ ବେହେରା*



ଥିରି ଥିରି ଚ଼ାଲେ ପିମ୍ପୁଡି ଭାଇ ଯେ
ଅନୁଶାସନରେ ଜାଣ
ମେଳ ହୋଇକରି ରହନ୍ତି ଏକାଠି
ଦେଖ ଗାତ ଫାଟ କୋଣ ॥
ସକାଳୁ ଉଠିକି ବାହାରି ପଡନ୍ତି
ଖାଦ୍ୟକୁ ଖୋଜିବା ପାଇଁ
ପରିଶ୍ରମୀ ବୋଲି ନ କରି ଖାତିର୍
ବୁଲୁଥାନ୍ତି ମେଳ ହୋଇ ॥
ଏକାତାର ବଳ କଥା ସେ ଜାଣନ୍ତି
ସହଯୋଗେ ଦେଇ ମନ
ନ ହାରନ୍ତି କେବେ ଜୀବନ ଯୁଦ୍ଧରେ
ଯାଉ ପଛେ ସେ ଜୀବନ ॥
ବର୍ଷ ସାରା କରି ପରିଶ୍ରମ କାର୍ଯ୍ୟ
ଖରିରେ ଥାଆନ୍ତି ରହି
ଆସୁ ପଛେ ବର୍ଷା ତୋଫାନ କି ଝଡ
ଯାହା ଲେଖିଅଛି ବିହି ॥
ଟିକି ଜୀବ ସିନା ବିଭୁର ଦାନରେ
ପାଇଛନ୍ତି ଏ ଜୀବନ
କର୍ମ କରିଯାନ୍ତି ନ କରି କି ଦୁଃଖ
ଏହି ତାଙ୍କ ସ୍ୱାଭିମାନ ॥

*ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*
*ମୋ-୮୩୨୮୯୩୦୫୫୪*

## ପାଗଳ

*ପ୍ରଶାନ୍ତ ଚ଼ନ୍ଦନ*



ତମେ କହଲ
ପ୍ରେମ ହୋଇ ଯାଇଛି ତମକୁ
ଆମେ ମାନି ନେଲୁ
ପାଗଳ ହେଲି ମୁଁ
ପ୍ରେମ ହୋଇଗଲା ତମକୁ,
ଅଭିବ୍ୟକ୍ତି କରି ଦେଲ
ପାଗଳ ହେଲି ମୁଁ
ତମେ ଶୁଣାଉଥିଲ କାହାଣୀ
ମୁଁ ହଜି ତମର ଖିଆଲରେ
ଦେଖି ରହି ଯାଉଥିଲି ସ୍ୱପ୍ନ
ପାଗଳ ହେଲି ମୁଁ
ତମେ ଖେଳି ଯାଉଥିଲ ଶବ୍ଦ ପରେ ଶବ୍ଦ,
ଯାହାକୁ ମୁଁ ସତ ବୋଲି ଧରି ନେଉଥିଲି
ପାଗଳ ହେଲି ମୁଁ
ଯେତେବେଳେ ପାଗଳପଣ
ପରିମାଣଠୁ ଅଧିକ ହୋଇଗଲା
ତମେ କୋଣଠେସା କରି ଛାଡିଗଲ
ଆମେ ନିଶବ୍ଦରେ ତମକୁ
ଡାକ ଦେଲୁ
ହଁ ପାଗଳ ହେଲି ମୁଁ !!

*ଇରିଗେସନ୍ କଲୋନୀ, ଲେନ୍ ୩*
*ଭବାନୀପାଟଣା, କଳାହାଣ୍ଡି*
*ମୋ - ୯୧୭୮୬୯୪୧୧୫*

## ଅବୁଝା ମମତାର ଅଦୃଶ୍ୟ କାୟା

*ସୁରେନ୍ଦ୍ର ନାଥ ସାହୁ*



ମୋ'ଆଖି ଆଇନାକୁ
ଅଭାବନୀୟ
ଆଡ ଅନ୍ଧାରର ଜାମା ପିନ୍ଧାଇ
ତୁମେ ସିନା ଚ଼ାଲିଯାଇଛ।
କିନ୍ତୁ ଛାତି ତଳ ଛାଇରେ ବସି ରହି
ଆଜି ବି ମୋତେ ଭାବୁକ କରି ଦେଉଛ।
ନିଆରା ମନର ଅବୋଧ ପଣ ମୋହର
ମୋତେ ବାଧ କରେ
ତୁମକୁ ଟିକିଏ ସଦେହେ ଦେଖ ପାଇଁ
ହେଲେ ତୁମେ ମୋ'ପାଇଁ
ତୁମ ଇଛାରେ ହଜି ହଜି ଯାଉଛ।
ତୁମେ ପର ନହେଲେ ବି
ମୋ ନିଜର ବଲି ମୁଁ କହି ପାରୁ ନାହିଁ
କାହିଁକି ପ୍ରିୟା ଜାଣିଛ
ସଜ୍ଞାହୀନ ପ୍ରେମର ଦରଗଡା ରାସ୍ତାରେ
ନିରୀହ ପ୍ରେମର ପିଠିରେ
ଘାସର ମୋଟା ଚ଼ାଦର ବିଛାଇ
ତୁମେ ଲିଭେଇ ଲିଭେଇ ଚ଼ାଲୁଛ।
ତଥାପି କାହିଁକି ବେଳେ ବେଳେ
ମୋ ଦରଦୀ ଦୃଷ୍ଟିର
ଦୁର୍ବଳତାର ସାହାଯ୍ୟ ନେଇ
ମୋ ମନ ମସ୍ତିଷ୍କ ହୃଦୟରେ ଟ୍ରେଲି
ମୋତେ ତୁମେ ତୁମର ଦର୍ଶନ କରାଇଦେଉଛ।
ମୋ ନିରୀହ ହୃଦୟର ସରଳତା
ବିଦ୍ଧ ରହିତ ଭାବନା
ବୁଝି ପାରେନା
ତୁମର ଯେ
ଲୁଚ଼କେଳି ଖେଳ କୌଶଳତା
ହେଲେ କୁହ ବାସ୍ତବରେ
ତୁମେ କିଏ ???
ତୁମେ କେଉଁ ମୋହିନୀ ନା ମାୟା ?
ନା ରକ୍ତରେ ମିଶିରହିଥିବା
ମୋ ନିଜ ପ୍ରେମର ପ୍ରଲୋଭନକାରୀ
ଅମର ଛାୟା ?
ନା ମନ କିଣି ନେଇଥିବା
କେଉଁ ଏକ
ଅବୁଝା ମମତା ଅଦୃଶ୍ୟ କାୟା।

*କଳମ୍ବ(ଡିହସାହି)*
*ପୋଲସରା,ଗଞ୍ଜାମ-୭୬୧୧୦୫*
*ମୋ.ନଂ:-୮୧୨୮୯୧୯୨୫୬*

## ଧନ୍ୟ ତୁମ ଲୀଳା

*ଆଦ୍ୟାଶା ମହାପାତ୍ର*



ଜଗତର ନାଥ ଆହେ ଜଗନ୍ନାଥ
ବ୍ରହ୍ମମୟ ଦାରୁ ଦେବ
ତୁମ ଲୀଳା ପ୍ରଭୁ କିଏ ସେ ବୁଝିବ
ନ ଜାଣନ୍ତି ବ୍ରହ୍ମା ଶିବ ॥
ମାନବ ଜୀବନ ହୁଅଇ ସାର୍ଥକ
ତୁମ ଶୁଭାଶିଷ ନେଇ
ତୁମେ ଦୟାକଲେ ହେ ଭାଗ୍ୟ ବିଧାତା
ପୁନର୍ଜନ୍ମ ମିଳେ ତ୍ରାହି ॥
ଧନ୍ୟ ଜଗନ୍ନାଥ ଅନାଥର ନାଥ
ମହିମା ତୁମ ଅପାର
ସୃଷ୍ଟି ସ୍ଥିତି ଲୟ ଆଧାର ତୁମେ ହିଁ
ଦ୍ୱାପର ତ୍ରେତୟା ଅବା ସତ୍ୟ ଯୁଗେ
ଲୀଳା ତୁମ ଅସୁମାରୀ
ଅବତାର ନେଇ ତୁମେ ହିଁ ତାରିଛ
ପାପୀ ତାପୀ ଅହଂକାରୀ ॥
ଭକ୍ତ ଭାବାବେଗ ବୁଝିଛ ନିରତେ
ଦେଇଛ ସାନ୍ନିଧ୍ୟ ଡାକି
ଦାସିଆ ବାଉରୀ ଅବା ମାଣିକର
ଭକତି ନେଇଛ କକି ॥
ନିରାଶା ମନରେ ଆଶା ଭରିଯାଏ
ପ୍ରଭୁ ତୁମ କୃପା ଲଭି
ତୁମ ଲୀଳା ପ୍ରଭୁ ସୁମରଣ କରି
ଯାଉ ଏ ପରାଣ ଲିଭି ॥

*ନୂଆପଡା, କଟକ*

## ଭାଉଜ ପ୍ରେମ ମିଠା

*ପ୍ରଶାନ୍ତ କୁମାର ନାଥ*



ଭାଉଜଙ୍କ ପ୍ରେମ ମିଠା ବଲି ବନ୍ଧୁ
ରସଗୋଲା ପିଠା ଲାଗୁଛି
ସେଥିପାଇଁ ବୋଧେ ମଧୁମେୟ ଆଜି
ସଂସାରରେ ବଢ଼ି ଯାଇଛି।
ଭାଉଜ ପ୍ୟାରେ ଚେକ୍ୱା ମହୁ ଫେଣା
ଖଣ୍ଡ ମହୁ ଧରି ରୁଛି
ପରକୁ ଆପଣା ସେହି କରିବାରେ
ସବୁ ତ କୌଶଳ ପାଇଛି।
ଚ଼ାଲିଗଲେ ସେହି ହାଟକି ବଜାରେ
ସଭିଙ୍କ ନଜର ଲୁଛି
ଯାହାକୁ ପାଇଲା ମନ ଦେଇ ଦିଏ
ପରକୁ ଆପଣା କରୁଛି ।
ଲାଗୁଛି ଯେମିତି ଏଇ ଫଗୁଣରେ
ବୟସ ଷୋହଳ ଛୁଇଁଛି
ନ ହେଲେ ଏମିତି କାହିଁକି ହୁଅନ୍ତେ
ମୋବାଇଲ ସବୁ କରୁଛି।
ଲୋକଙ୍କ କଥାରେ ନାହିଁ ତା ନଜର
ତାହାର କ'ଣ ଯେ ଯାଉଛି
ମଧୁ ପରଷୁଛି ସଭିଙ୍କୁ ପ୍ରିତିରେ
ରୂପ ସେ ଏମିତି ପାଇଛି।
ସଭିଙ୍କ ଚ଼ାବିରେ ଖ୍ରୋଲି ଦେଉଛି ସେ
ତା ମନ ସିନ୍ଦୁକର ତାଲା
ଏମିତି ସେମିତି ଝିଅ ନୁହେଁ ସେତ
ହଁ ଗଢିଛି ଉପର ବାଲା॥

*ପ୍ରଶାନ୍ତ କୁମାର ନାଥ (କୁଣଗଡି)*
*ରାଜନଗର କେନ୍ଦ୍ରାପଡ଼ା।*

# ଭଲ କଥା ମାନିବା


ବିଜୟ କୁମାର ଛାଟୋଇ

କଥାରେ ଅଛି 'ମାଆ ପେଟ ବାପା ପିଠି' । ଜନ୍ମକଲା ଶିଶୁପାଇଁ ଜଣେ ମାଆ ସବୁକିଛି ତ୍ୟାଗ କରିଦିଏ । ସନ୍ତାନର କଣ ବି ଅସୁବିଧାହେଲେ ମାଆଟି ବିଚ଼ରା ଡରି ଯାଇଥାଏ । ନିଜପିଲାଙ୍କ ପାଇଁ ବାପାଙ୍କର ମଧ୍ୟ ଦାୟିତ୍ୱ କମ ନୁହେଁ ।ଉଭୟେ ବାପାମାଆ ଶିଶୁପାଇଁ ପାଲଟି ଯାଆନ୍ତି ଭାଗ୍ୟବିଧାତା । ଘରେ ଯାହାର ପିଲାଟିଏ ନାହିଁ ତାର ସମୟ କଟିବା ବଡ଼କଷ୍ଟ । ସେ ନିଜକୁ ଅସହାୟ ମନେକରୁଥାଏ। ଏମିତି ଏକାକୀ ଘରେ କେତେଦିନ ଅବା ମନକୁ ବୁଝାଇ ଶାନ୍ତି ପାଇବେ ଗୋବିନ୍ଦ ବାବୁ । ନିଜେ ସିନା ଘରବାହାରୁ ବୁଲିଆସିଲେ ମନର ବଥା ଟିକିଏ ଉପଶମ ମିଳେ ହେଲେ ପତ୍ନୀଙ୍କର ଆତୁର ଅବସ୍ଥାକୁ ଦେଖିଲେ ଦୁଃଖରେ ଭାଙ୍ଗି ପଡ଼ନ୍ତି ସେ । ଏଥର ପତ୍ନୀ ରାଧାଙ୍କୁ ଭଣ୍ଡିବାକୁ ଆଉ ଆଗପରିକା ଗୋବିନ୍ଦ ବାବୁଙ୍କ ମନ କହୁନି । କାରଣ ତାଙ୍କୁ ଜୀବନସାରା ଢେର ଭଣ୍ଡିଛନ୍ତି ଏବଂ ଏବେ ସେ ଅନୁତାପ କରୁଛନ୍ତି ପିଲାଟିଏ କୋଳରେ ନ ଥିଲେ ସତରେ ମନବୁଝେନି । ସାମାଜିକ ବଥା କଥା କହିଲେ ନ ସରେ। ଏଥର କଷ୍ଟେମଷ୍ଟେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଚ଼ଳିଯିବାକୁ ମନରେ ଆଣ୍ଟ କଲେ ବି ବୟସର ଅପରାହ୍ଣ ହେଲାଣି । ବିବାହର ବହୁବର୍ଷ ବିତିଯାଇଥିଲେ ବି କୌଣସି ସନ୍ତାନ ସନ୍ତତି ନ ଥିବାରୁ ମନକୁ ତାଙ୍କର ଭାରି ବାଧୁଛି। ନିଜର ଅମାପ ଧନ ଦଉଲତ ତାଙ୍କୁ ଅଲୋଡା ପରି ଲାଗୁଥାଏ । ଯାହାହେଉ ଗୋବିନ୍ଦ ବାବୁଙ୍କର ସେହି ତୁଣ୍ଡ ସୁତୁଣ୍ଡ ହୋଇଗଲା । ପତ୍ନୀ ରାଧାଦେବୀଙ୍କ ମନ ହାଲୁକା କରିବା ପାଇଁ ଭଣ୍ଡୁଥିବା କଥାଟି ଆଜି ସତ ହୋଇଛି । ଏଥର ତାଙ୍କର ଖୁସି କହିଲେ ନ ସରେ । କେତେଦିନ ପରେ କନ୍ୟାରତ୍ନଟିଏ ଘରକୁ ଅତିଥି ହୋଇ ଆସିଛନ୍ତି। ସେ ଦୁହିଁଙ୍କର ଆନନ୍ଦ ଉଲ୍ଲାସରେ ଦିନଗୁଡ଼ିକ ବିତିଯାଉଛି । ନିଜର ସୌଭାଗ୍ୟ ହେତୁରୁ ଶିଶୁକନ୍ୟା ଜନ୍ମହୋଇଛି ବୋଲି ମନ ଭାରି ଖୁସିବାସି । ମନର କଥାକୁ ସବୁ ଦିଅଁ ଦେବତାଙ୍କୁ ଜଣାଇ ଅନ୍ତରରୁ ଭକ୍ତି ନୈବେଦ୍ୟ ଢାଳୁଥାନ୍ତି ସେଦୁହେଁ । କେତେଦିନ ପରେ ତାଙ୍କ କୋଳରେ ଶିଶୁଟିଏ ଦେଖି ଗାଁ ଲୋକେ ମଧ୍ୟ ଖୁସିମନାଉ ଥାନ୍ତି। ଶେଷରେ ଶିଶୁଟିର ଜାତକର୍ମ ଆଦି ବହୁ ଜାକଜମକରେ ପାଳିତ ହେଲା। ଶିଶୁକୁ ଯତ୍ନକରି ପାଳିବାକୁ ଗୋବିନ୍ଦ ବାବୁ ଓ ରାଧାଦେବୀ ଲାଗିପଡ଼ିଥାନ୍ତି। ସମୟର ତାଳେତାଳେ ଝିଅଟିର ବୁଦ୍ଧି ଓ ବିବେକ ବଢ଼ିବଢି ଚ଼ାଲିଲା। ଥରେ ଗାଁର ବିମଳି ଆଇ ତାଗିଦ୍ କରି ରାଧାଦେବୀଙ୍କୁ କହୁଥାନ୍ତି ରାଧା ! ତୁମେ ପିଲାକୁ ଦାଣ୍ଡବାହାରକୁ କି କେଉଁଆଡ଼? ବି ନେବନି । ସଂଜ ଓ ଦ୍ୱିପହର ବେଳାରେ ପିଲାଙ୍କୁ ଘରୁ କାଢ଼ିଲେ ଲୋକଙ୍କ ଆଖି ପଡ଼ିଯିବ। କିଛି ଡାହାଣୀ ଲୋକ ଅଛନ୍ତି ତାଙ୍କର ପାପ ଆଖି ପିଲାଙ୍କ ଉପରେ ପଡ଼ିଲେ ପିଲାଏ ଡରନ୍ତି ଆଉ କାନ୍ଦନ୍ତି ମଧ୍ୟ । ଯଦି ପିଲା ଉପରେ କାହା କୁନଜର ପଡ଼ିବ ପିଲାଏ ରାତିସାରା ବହୁ ହଇରାଣ କରିବେ। ତୁମକୁ ବହୁତ କଷ୍ଟ ସହିବାକୁ ପଡ଼ିବ । ବହୁ ଅନିଦ୍ରା ହେବାକୁ ପଡ଼ିବ । କିନ୍ତୁ ବିଚ଼ଳିତ ଜମାରୁ ହେବନି। ତୁମକୁ ସେହି ଉପାୟ ବତାଉଛି , ଶୁଣ - ତୁମେ ତୁମ ନିଜ ମୁଣ୍ଡଚୁଟିରେ ସାତଥର ଷଠୀଦେବୀଙ୍କୁ ସୁମରଣା କରି ଝାଡ଼ିଦେବ ନଚେତ୍ କଳାଗାଇ ଲାଞ୍ଜରେ ଝାଡ଼ିଦେଲେ ପିଲାଏ ଆଉ କାନ୍ଦନ୍ତି ନାହିଁ। ମୋର କଥାଟି ମନ ରଖିଥିବ ରାଧା ! ସମୟ ଆସିଲେ ତୁମ ପିଲାଙ୍କପାଇଁ ଏହା ଅବ୍ୟର୍ଥ ଓଷଅ ପରି କାମଦେବ ! ଆମଗାଁ ବିମଳି ଆଇ ଭାରି ବଢିଆ ଲୋକ ଓ ପରୋପକାରୀ । ସେହି ଆଈଙ୍କ କଥାକୁ ରାଧାଦେବୀ ମୁଣ୍ଡକୁ ନେଇଥାନ୍ତି। କିନ୍ତୁ ଏକଥାକୁ ଗୋବିନ୍ଦ ବାବୁ ବିଶ୍ୱାସ କରୁ ନ ଥିଲେ । କିନ୍ତୁ ମାନିବାକୁ ବି ଅମଙ୍ଗ ହେଲେନି। ଯେହେତୁ ତାଙ୍କର କନ୍ୟାଟିଏ ହୋଇଛି ସେଥିପାଇଁ ଗୋବିନ୍ଦ ବାବୁ ଡାହାଣୀ ଚ଼ିରିଗୁଣୀ କଥାକୁ ଏଡ଼ାଇ ନ ପାରି ଟିକିଏ ଥମ ପଡ଼ିଗଲେ । ଗାଁ ଲୋକ ବନ୍ଧୁବାନ୍ଧବ ସରାଗରେ କୁନିଝିଅଟିକୁ ସମସ୍ତେ ଭକ୍ତି' ବୋଲି ଡାକନ୍ତି । ଭକ୍ତିର ଡଉଲଡ଼ାଉଲ ଚେହେରା ସାଙ୍ଗକୁ ବୁଦ୍ଧିମତୀ ସ୍ୱଭାବ ଗୁଣ ଜଣାପଡୁଥିବାରୁ ଗୋବିନ୍ଦ ବାବୁ ଖୁସିହୋଇ ଭଗବାନଙ୍କୁ ଧନ୍ୟବାଦ ଦେଉଥାନ୍ତି। ଦଶମାଶ ଦଶଦିନ ଉଦରରେ ସାଉଁଟି ଗରଭ ଯାତନାକୁ ଭୁଲିଯାଇଥିବା ରାଧାଦେବୀଙ୍କର ସେହି ସମାନ ଦଶା। ସଂଜ ହୋଇଯିବାରୁ ସବୁଦିନ ପରି ବେଡରେ ଶୋଇପଡେ ଭକ୍ତି' । ସେ ଥରେ ଅଧ ରାତିରେ ଭୟରେ ଚ଼ିରିଚ଼ିରି ହୋଇ କାନ୍ଦିବାକୁ ଲାଗିଲା। ଏପରି କାନ୍ଦିଲା ଯେ ପାଟି ବନ୍ଦ ହେଉ ନ ଥାଏ। ରାହା ଧରି କାନ୍ଦିଲେ ପିଲାଙ୍କ ପାଇଁ ଆହୁରି ବିପଦ ଡାକି ଆଣିବ ବୋଲି ଡାକ୍ତରମାନେ ମଧ୍ୟ କହନ୍ତି। ସେଦିନ ରାତିରେ ଭକ୍ତି ତାର ବାପାବୋଉଙ୍କ ଚ଼ିନ୍ତା ଏତେ ବଢ଼ାଇ ଦେଲା ଯେ ଉଭୟେ ବିଚ଼ଳିତ ହୋଇପଡୁଥାନ୍ତି ।ଅନ୍ଧବିଶ୍ୱାସ ଆଗରେ ବିଶ୍ୱାସ ହାରମାନିଲା। ବିମଳି ଆଈଙ୍କ କଥାକୁ ଗୋବିନ୍ଦ ବାବୁ ମନେପକାଇ ପତ୍ନୀ ରାଧାଦେବୀଙ୍କୁ କହିଲେ , ରାଧା ! ତୁମେ ତୁମ ଚୁଟିରେ ସାତଥର ଝାଡ଼ିଦିଅ ଦେଖିବା କଣ ହେଉଛି। ନଚେତ୍ ଏତେ ରାତିରେ ଡାକ୍ତରଖାନା ଯିବା ସମ୍ଭବ ହେବନି। ସତକୁ ସତ ରାଧାଦେବୀ ମାଆ ଷଠୀଦେବୀଙ୍କୁ ସୁମରଣାକରି ନିଜଚୁଟିରେ ସାତଥର ଝାଡିଦେବାରୁ ଭକ୍ତିର ବିକଳ କାନ୍ଦ କେଉଁଆଡ଼? ଉଭେଇଗଲା। ସତରେ ଅଙ୍ଗେ ନିଭାକଥାକୁ କିଏ ବା ଅବିଶ୍ୱାସ କରିପାରିବ ? ବିମଳି ଆଈଙ୍କ ଯୋଗୁଁ ଆଜି ଆମ ଭକ୍ତି କେଡ଼ ?ବଡ଼ ବିପଦରୁ ରକ୍ଷା ପାଇଗଲା ବୋଲି ଉଭୟେ ସ୍ୱାମୀ ସ୍ତ୍ରୀ ଦିଅଁଙ୍କୁ ପ୍ରାର୍ଥନା କରି ଜଣାଇଲେ। ଶେଷରେ ଗୋବିନ୍ଦ ବାବୁ ଅନୁତାପ କରି କହୁଥିଲେ ଗୁରୁଜନଙ୍କ କଥା ଅମୂଲମୂଲ। ଯଦି ସେମାନଙ୍କ କଥା ନ ମାନିବା ତେବେ ବିପଦ ନିଶ୍ଚିୟଘନେଇ ଆସିବ।

*ମୁଖ୍ୟ ସଂପାଦକ,*
*ପ୍ରଚ଼ାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ*
*ଓଡ଼ିଶା, ପୁରୀ*
*ମୋ -୮୫୯୯୮୩୮୫୯୭*




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

